# ଉଆଁସୀ

ଉଠରେ ବାୟାମନ କରୁ କିଆଁ ଉଚ୍ଛୁର
ଉଇଁଲେଣି ଶଶୀ ପରା ଟେକି ତାର ଶିର ।

ଉତ୍ପଳ ହସିଲାଣି ପୁଣି ଅପେକ୍ଷା ର ଅନ୍ତେ
ଉଲ୍ଲସିତ ମନ ତା'ର ଜ୍ୟୋତ୍ସ୍ନାର ସାନିଧ୍ୟେ ।

ଉଆଁସୀ କହୁ କିଆଁ ସେ ନିରିମାୟୀକୁ
ଉତ୍ପତ୍ତି କି ଭିନ୍ନ ତାର ନିନ୍ଦୁ ସୁଖର ରାହିକୁ ।

ଉତ୍ସ ଅଟେ ସେ ତୋର ଅନେକ ହସର ଖୁସିର
ଉଚ୍ଚ-ନୀଚ ଦେଖୁ କାହିଁ ଦୁଇ ଦୁହିତା ମଧ୍ୟର ।

ଊଣା ନୁହେଁ ସେ କେବେ ସମାନ ସମସ୍ତଙ୍କ ଭଳି
ଉଜଟ ମନ ମୋର ତୁଚ୍ଛାଟାରେ ଦେଉ ତାକୁ ଗାଳି ।

ଉପଳ ଭାଗ୍ୟ ତାହାର ଜନ୍ମିଲା ସେହିଦିନେ
ଉଞ୍ଛିଲା ସମାଜ ତାକୁ ରାତି-ଦିନେ, ପ୍ରତିକ୍ଷଣେ ।

ଉତ୍ତର ପାଏନି ସେ କରେନି ପୁଅକୁ ଆକ୍ଷେପ

ଉତ୍ତୁଷ ସୁପ୍ତ ହୁଏ     ଦିଶେ ନାହିଁ ପୁଅର ଆରୋପ ।

ଉତ୍ତ୍ରାସ  ମା’ ମନ     ପାରେ ନାହିଁ ସହି
ଉଁ ଉଁ କାନ୍ଦେ କେତେ     ଝିଅ ଭାଗ୍ୟ ବାଉଳେଇ ।

ଉଠ ବନ୍ଧୁ ଠିଆ ହୁଅ     ବିଳମ୍ବ କାହିଁ ପାଇଁ
ଉତ୍ତର ଦିଅ ସମାଜକୁ     ସେ ଭଉଣୀଟି ପାଇଁ ।

ଉତ୍କୃଷ୍ଟା ହେଉ ସେ ମଧ     ସଭିଙ୍କ ଚକ୍ଷୁରେ
ଉଭା ହେଉ ଦୁର୍ଗା ଭଳି     କୁସଂସ୍କାର ବକ୍ଷରେ ।

ଉତ୍ସାହ ଦିଅ ଭାଇ     ଉତ୍କଣ୍ଠା ଜଗାଅ
ଉଜାଡି ଦିଅନି କେବେ     ଅନୁକମ୍ପା ସମୂହ ।

ଉଇଁଲେଣି ଧ୍ରୁବତାରା     ଉତ୍ତର ଆକାଶେ
ଉଲ୍କାମାନେ ଖସିଲେଣି     ତାହାରି ସକାଶେ ।

ହିମାଂଶୁ ଶେଖର ବିଶ୍ୱାଳ

୧୪-୦୩-୨୦୧୨, ମିଚିଗାନ, ଯୁକ୍ତରାଷ୍ଟ୍ର ଆମେରିକା